# ଏପିସୋଡ ୫୦

## ଅନୁକୂଳନ ଏବଂ ନିମ୍ନୀକରଣ

ମୂଳ ଲେଖା: ନବନୀତ କୁମାର ଗୁପ୍ତା
ଓଡିଆ ରୂପାନ୍ତରଣ: ସୃଜନିକା, ଭୁବନେଶ୍ୱର

ପାତ୍ର- ପ୍ରକାଶ ବାପା

ବସୁଧା ମା

ଅଞ୍ଜଳି ଝିଅ (୧୫ ବର୍ଷ)

ଅରୁ ପୁଅ ୮ ବର୍ଷ

ୟୁନୁସ ବୈଜ୍ଞାନିକ, ପ୍ରକାଶଙ୍କ ପିଲାଦିନର ସାଙ୍ଗ

ଜିନତ ୟୁନୁସଙ୍କ ପତ୍ନୀ, ବଣ ସର୍ବେକ୍ଷଣରେ କାମ କରନ୍ତି

ଖଗେନ୍ଦ୍ର ଚାଷୀ, ୬୦ ବର୍ଷ

(ଅଞ୍ଜଳି, ଅରୁ ତାଙ୍କ ବାପା ପ୍ରକାଶ ଓ ମା ବସୁଧାଙ୍କ ସହ ହିମାଳୟ ବୁଲିବାକୁ ଯାଇଛନ୍ତି। ସମସ୍ତେ ପାହାଡ଼ ଉପରେ ବୁଲିବାକୁ ଯାଉଛନ୍ତି)

ଅଞ୍ଜଳି: କେତେ ସୁନ୍ଦର ଦୃଶ୍ୟ, ନା! ଯେଉଁଆଡ଼େ ଦେଖିବ ଖାଲି ଶାଗୁଆ ଶାଗୁଆ ବଣ...

ବସୁଧା: ହଁ ଅଞ୍ଜଳି, ସେଥିପାଇଁ ତ ମତେ ବି ହିମାଚଳ ପ୍ରଦେଶ ଆଉ ଏମିତି ପାହାଡ଼ି ଅଞ୍ଚଳ ବହୁତ ଭଲଲାଗେ।

ପ୍ରକାଶ: ଠିକ କହିଛ ବସୁଧା। ସୁଜଳାସୁଫଳା ପ୍ରକୃତିର କୋଳରେ ମନକୁ କେତେ ଶାନ୍ତି ମିଳୁଛି।

ଅରୁ: କିନ୍ତୁ ବାପା, ତମର ଗୋଟିଏ କଥା ତ ଠିକ ଲାଗୁନାହିଁ?

ପ୍ରକାଶ: କୋଉ କଥା ପୁଅ?

ଅରୁ: ବାପା, ତମେ ତ କହିଥିଲ ଯେ ଏଠି ସେଓ ବଗିଚା ଥିବ, କିନ୍ତୁ ଏଠିତ ଡାଳିମ୍ବ କ୍ଷେତ ଅଛି।

ବସୁଧା: ଆରେ ହଁ ଅରୁ, ଦଶବର୍ଷ ଆଗରୁ ଆମେ ଯେତେବେଳେ ଆସିଥିଲୁ ଏଠି ସେଓ ବଗିଚା ଥିଲା।

ପ୍ରକାଶ: ହଁ ସେଥିପାଇଁ ତ ମୁଁ ପିଲାଙ୍କୁ କହିଥିଲି ଯେ ଆମେ ଯେଉଁଠିକି ଯିବା ସେଠି ସେଓ ବଗିଚା ଥିବ।

ଅଞ୍ଜଳି: ବାପା, ସେଠି ଯୋଉ ମଉସା କ୍ଷେତରେ କାମ କରୁଛନ୍ତି ଚାଲ ତାଙ୍କ ସହ କଥା ହେବା।

ବସୁଧା: ହଁ... ହଁ... ତାଙ୍କୁ ହିଁ ପଚାରିବା। ଏବେ ସେମାନେ ଆଉ ସେଓ ଚାଷ କାହିଁକି କରୁନାହାନ୍ତି।

ପ୍ରକାଶ: ନମସ୍କାର ଭାଇ। ଆମେମାନେ ଓଡ଼ିଶାରୁ ଆସିଛୁ। ପ୍ରାୟ ଦଶବର୍ଷ ଆଗରୁ ଯେତେବେଳେ ଆମେ ଆସିଥିଲୁ, ସେତେବେଳେ ଏଠି

ବହୁତଗୁଡ଼ିଏ ସେଓ ବଗିଚା ଥିଲା। କିନ୍ତୁ ଏବେ ତ ଅନ୍ୟ ଫଳଚାଷ ହେଉଛି। ପନିପରିବା ବି ବେଶ୍ ହେଉଛି

ଖଗେନ୍ଦ୍ର: ଭାଇ, ଆପଣ ପୂରା ଠିକ କହୁଛନ୍ତି। ଗୋଟେ ସମୟ ଥିଲା ଏଠି ସେଓ ଚାଷ ଭଲ ହେଉଥିଲା। କିନ୍ତୁ କେଜାଣି କାହିଁକି ଗଲା କେତେବର୍ଷ ହେବ ସେଓ ଆମଦାନୀ ବହୁତ କମିଗଲା। ସେଥିରୁ ଆମର ନିତିଦିନିଆ ଜୀବିକା ବି ଚାଲିପାରିଲା ନାହିଁ। ସେଥିପାଇଁ ଆମେ ଚାଷୀମାନେ ଡାଳିମ୍ବ ଭଳି ଫଳ ଚାଷ କରିବା ପାଇଁ ବାଧ୍ୟ ହେଲୁ।

ପ୍ରକାଶ: ସେଥିପାଇଁ ଏଠିକା ଦୃଶ୍ୟ ଆମକୁ କେତେ ବଦଳିଗଲା ଭଳି ଲାଗୁଛି।

ଖଗେନ୍ଦ୍ର: କୁଲୁ, ଶିମଲା, ମଣ୍ଡି ଭଳି ୧୨୦୦ରୁ ୧୮୦୦ ମିଟରର ମଧ୍ୟମ ଉଚ୍ଚତାର ଜିଲାମାନଙ୍କରେ ଏଭଳି କଥା ଅଧିକ ଦେଖିବାକୁ ମିଳିଛି। ଏସବୁ ଜିଲାରେ ଚାଷୀମାନେ ମିଶ୍ରଫସଲ ପାଇଁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି, ଏଥିରେ ସେଓ ବଗିଚାରେ ପନିପରିବା ଆଉ ୧୦୦୦ରୁ ୧୨୦୦ ମିଟର କମ୍ ଉଚ୍ଚତାରେ ହେଉଥିବା ଡାଳିମ୍ବ ଭଳି ଫଳ ବି ଚାଷ କରୁଛନ୍ତି।

ଅରୁ: କିନ୍ତୁ ଏମିତି କାହିଁକି ହେଲା?

ଖଗେନ୍ଦ୍ର: ବାବୁ, ମୁଁ ତ ବେଶୀ କିଛି ଜାଣିନି, କିନ୍ତୁ ବେଶ୍ କିଛିଦିନ ଆଗେ ଏଠିକୁ ଜିବି ପନ୍ତ କୃଷି ଏବଂ କାରିଗରୀ ବିଶ୍ୱବିଦ୍ୟାଳୟର କିଛି ପ୍ରଫେସର ଆସିଥିଲେ। ସେମାନେ କହୁଥିଲେ ଯେ ଏଠିକା ଜଳବାୟୁରେ ଯେଉଁ

ପରିବର୍ତ୍ତନ ହେଉଛି ସେଥିପାଇଁ ଏଠି ଥଣ୍ଡା କମ୍ ହେଉଛି। ଆଉ ଆମେ ତ ଜାଣିଛେ ଯେ ଥଣ୍ଡା କମିଲେ ସେଓ ଫସଲ ଭଲ ହେବନାହିଁ।

ଅରୁ: ଜଳବାୟୁ? ସେ ପୁଣି କ'ଣ?

ପ୍ରକାଶ: ଅରୁ, ଏହାର ଅର୍ଥ ଜଳବାୟୁ ପରିବର୍ତ୍ତନରେ ରହିଛି।

ଅଞ୍ଜଳି: ବାପା, କିଛିଦିନ ପୂର୍ବେ ମୁଁ ଟିଭିରେ ଗୋଟିଏ କାର୍ଯ୍ୟକ୍ରମ ଦେଖିଥିଲି। ଏଥିରେ କୁହାଯାଇଥିଲା ଯେ ଜଳବାୟୁ ପରିବର୍ତ୍ତନ ଯୋଗୁ ହିମବାହ ତରଳିବା, ପାଣିପାଗରେ ଅସାଧାରଣ ଘଟଣା ଘଟିବା, ଗଛଲତା ଜୀବଜନ୍ତୁଙ୍କ ପ୍ରଜାତି ବିଲୁପ୍ତ ହୋଇଯିବା ଏବଂ ଫସଲ ଆମଦାନୀ କମିଯିବା ଭଳି ଘଟଣା ଘଟିପାରେ। ଏଭଳି ଘଟଣା ଏବେ ନିତିଦିନିଆ ଘଟଣା ହୋଇଗଲାଣି। ଆଉ ଏସବୁକୁ ଗୋଟିଏ ଦୃଷ୍ଟିରୁ ଦେଖାଯାଇପାରେ ଯାହାକୁ ଆମେ ଜଳବାୟୁ ପରିବର୍ତ୍ତନ କହିପାରିବା।

ଖଗେନ୍ଦ୍ର: ସେଥିପାଇଁ ତ ଏଠିକୁ ଆସିଥିବା ବୈଜ୍ଞାନିକ ଆମକ ପ୍ରସ୍ତାବ ଦେଲେ ଯେ ଆମେ ଏମିତି ଫସଲ କରିବୁ ଯାହା ପରିବର୍ତ୍ତିତ ପାଣିପାଗକୁ ସୁହାଇବ।

ପ୍ରକାଶ: ଏହା ହିଁ ହେଉଛି ଅନୁକୂଳନ ବା ଆଡାପ୍ଟେସନ୍। ଜାତିସଂଘର ବିକାଶ କାର୍ଯ୍ୟକ୍ରମ ଅନୁକୂଳନକୁ ଏଭଳି ଏକ ପ୍ରକ୍ରିୟା କହୁଛି ଯାହା ଦ୍ୱାରା ଜଳବାୟୁ ପରିବର୍ତ୍ତନ ସମ୍ପର୍କୀୟ ଘଟଣାର ପରିମାଣକୁ ସାମନା କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇ ପାରିବ। ଅନୁକୂଳନ ବ୍ୟକ୍ତିରୁ ଆରମ୍ଭ

କରି ରାଷ୍ଟ୍ରୀୟ ଆନ୍ତଃରାଷ୍ଟ୍ରୀୟ ସ୍ତର ଯାଏଁ ଯେ କୌଣସି ସ୍ତରରେ ହୋଇପାରେ।

ଖଗେନ୍ଦ୍ର: ଭାଇ, ଏସବୁ ତ ମୁଁ ବୁଝିପାରେନି। ମୁଁ କେବଳ ଏତିକି ଜାଣେ ଯେ ଆମେ ଯେମିତି ପାଣିପାଗ ଦେଖୁଛି ସେହିଭଳି ଫସଲ କରୁଛୁ ଯେମିତିକି ଆମର କ୍ଷତି ନ ହେବ।

ପ୍ରକାଶ: ଆପଣ ପୂରା ଠିକ କହିଛନ୍ତି। ଆଚ୍ଛା ଆମେ ଏବେ ଯାଉଛୁ। ନମସ୍କାର।

ଖଗେନ୍ଦ୍ର: ନମସ୍କାର। ଆଉ କେବେ ଆସିଲେ ଭେଟ କରିବେ ନିଶ୍ଚୟ।

ବସୁଧା: ହୋଟେଲ ପହଞ୍ଚିଲେ କାଲି ପାଇଁ ପ୍ରସ୍ତୁତି କରିବାକୁ ହେବ।

ଅଞ୍ଜଳି: ଆରେ ହଁ, କାଲି ସକାଳୁ ଜଲ୍‌ଦି ଉଠି ଡେରାଡୁନ ଯିବାକୁ ଅଛି।

ଅରୁ: ସେଠି ତ ମଜା ଆସିଯିବ। ବହୁତ ଦିନ ପରେ ୟୁନୁସ ମଉସାଙ୍କ ସହ ଭେଟ ହେବ।

ବସୁଧା: ୟୁନୁସ ଭାଇ ଏଠି ବନ ଅନୁସନ୍ଧାନ କେନ୍ଦ୍ରରେ କାମ କରିବା ଆରମ୍ଭ କରିବା ଦିନରୁ ଆଉ ଦିଲ୍ଲୀ ଆସୁନାହାନ୍ତି।

ଅରୁ: କାଲି ତ ମଉସାଙ୍କ ସହ ଦେଖା ହୋଇଯିବ।

ଦୃଶ୍ୟ ପରିବର୍ତ୍ତନ

(ଦ୍ୱିତୀୟ ଦିନ ସେମାନେ ସମସ୍ତେ ପ୍ରଫେସର ୟୁନୁସଙ୍କ ଘରେ ଅଛନ୍ତି)

ୟୁନୁସ: ପିଲାମାନେ, ହିମାଚଳ ପ୍ରଦେଶ ବୁଲା କେମିତି ହେଲା? ବିଶେଷ କରି କୁଲୁ ମାନାଲୀ?

ଅଞ୍ଜଳି: (ଉତ୍ସାହିତ ହୋଇ) ବହୁତ ବଢ଼ିଆ ହେଲା ମଉସା।

ଅରୁ: କିନ୍ତୁ ସେଓ ବଗିଚା ଦେଖିପାରିଲୁ ନାହିଁ।

ୟୁନୁସ: ହଁ, ଆଜିକାଲି ସେଓ ବଗିଚାର ଅଞ୍ଚଳ ବଦଳି ଯାଉଛି। ଆଉ ଏମିତି ଜଳବାୟୁ ପରିବର୍ତ୍ତନ ଯୋଗୁ ହେଉଛି।

ଜୀନତ: ପିଲାମାନେ ଜଳଖିଆ ଖାଇ ନିଅ। କଥାବାର୍ତ୍ତା ତ ଚାଲିବ।

ଅଞ୍ଜଳି: ମାଉସୀ, ଆପଣଙ୍କ ହାତ ତିଆରି ସିମେଇ ବହୁତ ମନେପଡ଼େ।

ଅରୁ: ମତେ ତ ମଉସା ତିଆରି କରିଥିବା ବିରିୟାନୀ ବହୁତ ଭଲ ଲାଗେ।

ବସୁଧା: ଓହୋ, ସେଥିପାଇଁ ତମକୁ ମଉସା ମାଉସୀ ମନେ ପଡ଼ନ୍ତି। (ସମସ୍ତେ ହସୁଛନ୍ତି)

ଅରୁ: ଏମିତି ବି ଆମ ଦେଶ ବହୁତ ଅଦ୍ଭୁତ, କେଉଁଠି ଜଳନ୍ତା ମରୁଭୂମି ତ ଆଉ କେଉଁଠି ହିମବାହ...

ପ୍ରକାଶ: ହଁ ପିଲେ, ଆମ ଦେଶର ଏଇ ବିବିଧତା ହିଁ ଆମର ସବୁଠାରୁ ବଡ଼ ବିଶେଷତା।

ୟୁନୁସ: ହଁ କିନ୍ତୁ ଏଇ ବିବିଧତା ଯୋଗୁ ଆମକୁ ଅନେକ ସମସ୍ୟାର ସାମନା କରିବା ପାଇଁ ବିଶେଷ ଧରଣର ରଣନୀତି ତିଆରି କରିବାକୁ ପଡ଼େ। ହିମାଳୟ ଅଞ୍ଚଳ ହେଉ ବା ପଶ୍ଚିମଘାଟ, ଉତ୍ତର-ପୂର୍ବ ରାଜ୍ୟ

ହେଉ ବା ଉପକୂଳ ଅଞ୍ଚଳ, ସମସ୍ତଙ୍କ ପାଇଁ ଏକା ପ୍ରକାର ଉପାୟ କାମ କରିବାନାହିଁ।

ଅଞ୍ଜଳି: ଯେମିତିକି ହିମାଚଳ ପ୍ରଦେଶରେ ରାତି କଟେଇବାକୁ ହେଲେ ଗରମ ଲୁଗା ନେଇ ଯିବାକୁ ହୁଏ। ଆଉ ରାଜସ୍ଥାନ ଯିବାକୁ ହେଲେ କନାଲୁଗା ନେଇ ଯିବାକୁ ହେବ, ଯେମିତି ଗରମ ଲାଗିବନାହିଁ।

ବସୁଧା: ଠିକ ସେମିତି ଜଳବାୟୁ ପରିବର୍ତ୍ତନର ସମସ୍ୟାର ସାମନା କରିବା ପାଇଁ ପ୍ରତି ଅଞ୍ଚଳ ଅନୁସାରେ ପଦକ୍ଷେପ ନେବାକୁ ହୁଏ। ଯେଉଁଠି ପାଣିର ଅଭାବ ଅଛି ସେଠି ଏଭଳି ଫସଲ କରିବାକୁ ହେବ ଯେଉଁଥିରେ କମ୍ ପାଣିରେ ଭଲ ଉତ୍ପାଦନ ହେବ। ଆଉ ଯେଉଁଠି ପାଣି ଅଧିକ ଅଛି, ସେଠି ଏଭଳି ଫସଲ ଲଗାଇବାକୁ ହେବ ଯେଉଁଠି ଅଧିକ ଆର୍ଦ୍ରତାରେ ବି ଫସଲ ସୁରକ୍ଷିତ ରହିପାରିବ।

ଜୀନତ: ଏହିଭଳି ଅଧିକ ଗରମ ହେଉଥିବା ଅଞ୍ଚଳରେ ମଶାଜନିତ ରୋଗରୁ ରକ୍ଷା ପାଇବା ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ହେବ। ଯେଉଁଠି ଅଧିକ ଥଣ୍ଡା ସେଠି ଥଣ୍ଡାରୁ ହେଉଥିବା ରୋଗ ପାଇଁ ଉପାୟ କରିବାକୁ ହେବ। ଉପକୂଳ ଅଞ୍ଚଳର ନିଜର ସମସ୍ୟା ରହିଛି, ସେଥିପାଇଁ ଅଲଗା ରଣନୀତି ପ୍ରସ୍ତୁତ କରିବାକୁ ହେବ।

ଅରୁ: ତା ମାନେ ଯେ ଦେଶ ଯାଇ ସେ ଫଳ ଖାଇ ଭଳି କଥା ମନେ ରଖିବାକୁ ହେବ। ତାହେଲେ ଆମେ ଜଳବାୟୁ ପରିବର୍ତ୍ତନ ଅନୁସାରେ ନିଜକୁ ଖାପ ଖୁଆଇ ପାରିବା।

ୟୁନୁସ: ପିଲାମାନେ, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମ୍ କରିବା ଏବଂ ଅନୁକୂଳିତ କରିବା ପାଇଁ ରାଷ୍ଟ୍ରୀୟ ଏବଂ ଆନ୍ତଃରାଷ୍ଟ୍ରୀୟ ସ୍ତରରେ ଅନେକ ନୀତି ପ୍ରସ୍ତୁତ କରାଯାଉଛି।

ଜୀନତ: କିନ୍ତୁ ନୀତି ଛଡ଼ା ଆମକୁ ବ୍ୟକ୍ତିଗତ ସ୍ତରରେ ବି ସମସ୍ତଙ୍କୁ କାମ କରିବାକୁ ହେବ। ସବୁଠାରୁ ଜରୁରୀ କଥା ହେଉଛି ଜଙ୍ଗଲ ସୁରକ୍ଷିତ ରଖିବା। ଜଙ୍ଗଲ ଆଉ ଗଛ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗାରକାମ୍ଳ ଶୋଷକ। ଏହା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ବାଷ୍ପ ଅବଶୋଷିତ କରେ ଏବଂ ଏହାକୁ ଅଙ୍ଗାର ରୂପରେ ସଂଗ୍ରହ କରେ।

ୟୁନୁସ: ଅଙ୍ଗାରକାମ୍ଳ କମ୍ କରି ଜଳବାୟୁ ପରିବର୍ତ୍ତନକୁ ସାମନା କରିବା ଦିଗରେ ଗୋଟିଏ ସହଜ ଆଉ ଶସ୍ତା ଉପାୟ ହେଉଛି ଜଙ୍ଗଲ ସୁରକ୍ଷା।

ଅଞ୍ଜଳି: ତାହେଲେ ତ ଜଙ୍ଗଲ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ।

ୟୁନୁସ: ହଁ ଅଞ୍ଜଳି। ଲଗାଯାଇଥିବା ଜଙ୍ଗଲ ଆଜି ପ୍ରାୟ ୨୬୪୦ ଲକ୍ଷ ହେକ୍ଟର ଜମିରେ ରହିଛି। ବାୟୁମଣ୍ଡଳରୁ ପ୍ରାୟ ଦେଢ଼ ଗିଗାଟନ୍ ଅଙ୍ଗାରକାମ୍ଳ ଅବଶୋଷିତ କରୁଛି। ଖାଲି ଏତିକି ନୁହେଁ, ଜଙ୍ଗଲକୁ ନିରନ୍ତର ପରିଚାଳିତ କଲେ ଏହା ଜଳବାୟୁ ପରିବର୍ତ୍ତନକୁ ସହନୀୟ କରିବା ଦିଗରେ ଅନୁକୂଳ ହେବ।

ପ୍ରକାଶ: ତା ମାନେ ଜଳବାୟୁ ପରିବର୍ତ୍ତନ ସମସ୍ୟାକୁ ସାମନା କରିବାକୁ ହେଲେ ସହର ଏବଂ ଗ୍ରାମାଞ୍ଚଳର ପରିଦୃଶ୍ୟରେ ଢେର ସଂଖ୍ୟାରେ ଗଛ ଲଗାଇବାକୁ ହେବ।

ଜୀନତ: ହଁ ଭାଇ ଆପଣ ଠିକ କହିଛନ୍ତି। ଏହାଛଡ଼ା, ନିରନ୍ତର ବନ ପରିଚାଳନା ପ୍ରତି ମଧ୍ଧ ଧ୍ୟାନ ଦେବାକୁ ହେବ। ନିରନ୍ତର ବନ ପରିଚାଳନା ଜଙ୍ଗଲ ପରିସ୍ଥିତିକୀ ପ୍ରଣାଳୀକୁ ସୁରକ୍ଷିତ ରଖେ ଏବଂ ଏହାର ପରିବେଶୀୟ, ସାମାଜିକ ଏବଂ ଆର୍ଥିକ ଗୁରୁତ୍ୱ ବଢ଼ାଏ।

ୟୁନୁସ: ନିରନ୍ତର ବନ ପରିଚାଳନା ଦ୍ୱାରା ଜଳବାୟୁ ପରିବର୍ତ୍ତନ ବିଷୟକ ସମସ୍ୟା ସମାଧାନ କରିବାରେ ଜଙ୍ଗଲ ପରିସୀମା ବଢ଼ାଯାଇ ପାରେ। ଏଥିରେ ଜଙ୍ଗଲ ଆଉ ତା ଉପରେ ନିର୍ଭର କରୁଥିବା ଲୋକଙ୍କୁ ଜଳବାୟୁ ପରିବର୍ତ୍ତନ ଯୋଗୁ ଆସୁଥିବା ସମସ୍ୟାକୁ ସାମନା କରିବାରେ ସାହାଯ୍ୟ ମିଳିପାରେ।

ବସୁଧା: ନିରନ୍ତର ବନ ପରିଚାଳନା ବିକାଶ ଦିଗରେ ବି ଖାଦ୍ୟ ସୁରକ୍ଷା, ଦାରିଦ୍ର୍ୟ ଦୂରୀକରଣ, ନିରନ୍ତର ବିକାଶ ଏବଂ ସ୍ଥାୟୀ ଭୂମି ଉପଯୋଗ ଆଦିରେ ବି ସାହାଯ୍ୟ କରିପାରେ।

ପ୍ରକାଶ: ବନ ପରିଚାଳନା କେବଳ ଜଳବାୟୁ ପରିବର୍ତ୍ତନ ପାଇଁ ନ କରି, ଉତ୍ପାଦନ, ମାଟି, ପାଣି, ପବନ ଏବଂ ଅନ୍ୟ ପରିବେଶୀୟ କାରକର ସଂରକ୍ଷଣ, ଜୈବ ବିବିଧତାର ସଂରକ୍ଷଣ, ସାମାଜିକ-ସାଂସ୍କୃତିକ ସେବାର ପ୍ରବନ୍ଧ, ଜୀବନଜୀବିକାର ବ୍ୟବସ୍ଥା ଆଦିରେ ବି ସହାୟତା ହୋଇପାରିବ।

ଅରୁ: ତା ମାନେ ତ ଜ ଙ୍ଗଲ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ।

ବସୁଧା: ଜଙ୍ଗଲ କେବଳ ଆମ ପାଇଁ ନୁହେଁ, ଅନ୍ୟ ଜୀବଙ୍କ ପାଇଁ ବି ସେତିକି ଗୁରୁତ୍ୱପୂର୍ଣ୍ଣ। ୧୨ଟି ବିରାଟ ବିବିଧତାଭରା ଦେଶମାନଙ୍କ ଭିତରୁ ଭାରତ ଗୋଟିଏ। ଏଠି ଜୀବଜନ୍ତୁ ଆଉ ଗଛଲତାର ବିରାଟ ବିବିଧତା ରହିଛି।

ଜୀନତ: ହଁ ଭାଉଜ। ଆମ ଦେଶରେ ବିଭିନ୍ନ ପ୍ରକାରର ଜଙ୍ଗଲ ରହିଛି। ହିମାଳୟ ଅଞ୍ଚଳର ଜଙ୍ଗଲ, ଉତ୍ତପ୍ତ ମରୁଭୂମିର ଜଙ୍ଗଲ ସହିତ ହେନ୍ତାଳ ବଣ ଏବଂ ପର୍ଣ୍ଣମୋଚୀ ଜଙ୍ଗଲ ରହିଛି। ଏଥିରେ ଅନେକ ପ୍ରକାରର ଜୀବଜନ୍ତୁ ବାସ କରୁଛନ୍ତି। ଭାରତରେ ୧୬ ପ୍ରକାରର ଜଙ୍ଗଲ ସମୂହ ଏବଂ ୨୨୧ ପ୍ରକାରର ଜଙ୍ଗଲ ରହିଛି।

ପ୍ରକାଶ: ଗ୍ଲୋବାଲ୍ ଫରେଷ୍ଟ ରିସୋର୍ସ ଆସେସ୍‌ମେଣ୍ଟର ୨୦୧୦ ରିପୋର୍ଟ ଅନୁସାରେ ବନାଞ୍ଚଳ ମାମଲାରେ ଭାରତ ଦଶମ ସ୍ଥାନରେ ରହିଛି। ଭାରତରେ ବନାଞ୍ଚଳ ଶତକଡ଼ା ପ୍ରାୟ ୨୪.୪ ଭାଗ। ଏଠି ପୃଥିବୀର ମୋଟ ଜନସଂଖ୍ୟାର ୧୭ ଭାଗ, ପ୍ରାଣୀଙ୍କ ଭିତରୁ ପ୍ରାୟ ୧୮ ଭାଗ ଜୀବ ରହୁଛନ୍ତି। ଭାରତରେ ପୃଥିବୀର କ୍ଷେତ୍ରଫଳରୁ ଶତକଡ଼ା ୨.୩ ଭାଗ ଜମି ରହିଛି।

ୟୁନୁସ: ଜଙ୍ଗଲର ଗୁରୁତ୍ୱ ଏବଂ ବନ ସଂରକ୍ଷଣ ଓ ପରିଚାଳନା ପାଇଁ ଭାରତର ଗୋଟିଏ ବ୍ୟାପକ ନୀତି ରହିଛି। ବାନିକୀ ବିଷୟ ଭାରତର ସମ୍ବିଧାନର ଅନୁଚ୍ଛେଦ ୭ରେ ରହିଛି। ଏଥିରେ ବାନିକୀ ପାଇଁ କାନୁନ ପ୍ରସ୍ତୁତ କରିବା ପାଇଁ ରାଜ୍ୟ ଏବଂ କେନ୍ଦ୍ର ଦୁହିଁଙ୍କୁ ମଜବୁତ କରାଯାଇଛି।

ଜୀନତ: ମୌଳିକ ଭାବରେ, ଭାରତୀୟ ବନ ସ୍ଥିରତା ଏବଂ ସଂରକ୍ଷଣ ଉପରେ ଅବସ୍ଥାପିତ। ସତୁରୀ ଦଶକ ପରେ ପ୍ରାକୃତିକ ବନସମ୍ପଦର ସଂରକ୍ଷଣ ଦିଗରେ ଅନୁଭବ କରିବା ପରେ, ଭାରତରେ ବୃକ୍ଷରୋପଣ ଆରମ୍ଭ

କରାଗଲା। ଗୋଷ୍ଠୀର ସହଭାଗିତାରେ ଏହା ଆରମ୍ଭ କରାଗଲା। ଅନେକ ଗାଁରେ ଗ୍ରାମସ୍ତରୀୟ ସମିତିମାନେ ଗଢ଼ାଗଲା। ସରକାରୀ ସ୍ତରରେ ବି ବୃକ୍ଷରୋପଣକୁ ପ୍ରୋତ୍ସାହିତ କରାଗଲା।

ୟୁନୁସ: ପିଲାମାନେ, ତମ ମାଉସୀ ବି ଗୋଟିଏ ଭଲ ନିୟମ କରିଛନ୍ତି। ବର୍ଷରେ ଘରର କୌଣସି ଲୋକଙ୍କର ଜନ୍ମଦିନ ପଡ଼ିଲେ ମାଉସୀ ଗୋଟିଏ ଗଛ ଲଗାନ୍ତି।

ଜୀନତ: ଆଉ ବର୍ଷସାରା ସେ ଗଛର ଦାୟିତ୍ୱ ତମ ମଉସା ନିଅନ୍ତି।

ବସୁଧା: ତମ ପରିବାର ବହୁତ ବଢ଼ିଆ କାମ କରୁଛନ୍ତି।

ୟୁନୁସ: ଗୋଟିଏ ଭଲକଥା ହେଉଛି, ଭାରତୀୟ ବନ ସର୍ବେକ୍ଷଣର ରିପୋର୍ଟ ଅନୁସାରେ ୧୯୯୪ ରୁ ୨୦୦୪ ମସିହା ଭିତରେ ଭାରତର ଅଙ୍ଗାର ଶୋଷକ୫୯୨ ମିଲିୟନ ଟନ୍ ବଢ଼ିଯାଇଛି।

ପ୍ରକାଶ: ବନୀକରଣ ଯୋଜନା ଦ୍ୱାରା ଜଙ୍ଗଲ ଅଞ୍ଚଳ ବଢ଼ିବା ଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଅବଶୋଷଣ କାମ ବି ବଢିଯିବ।

ଜୀନତ: ମଣିଷକୃତ ହେଉ ବା ପ୍ରାକୃତିକ ହେଉ ଜଙ୍ଗଲ କଟାଯିବା, ଏବଂ ଜଙ୍ଗଲ କ୍ଷୟ ହେଲେ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ ଅଧିକ ହେବ।

ୟୁନୁସ: ଅନ୍ୟ ଜଙ୍ଗଲଜାତ ପଦାର୍ଥର କ୍ଷତି, ଜୀବିକା ପ୍ରତି ବିପଦ, ପରିବେଶୀୟ କାର୍ଯ୍ୟ ଏବଂ ଅନ୍ୟ ସାମାଜିକ ଆର୍ଥିକ ଦିଗ ପ୍ରତି ବିପଦ ମଧ୍ୟ ରହିଛି।

ବସୁଧା: ସେଥିପାଇଁ ଆମର ପ୍ରାଚୀନ କାଳରୁ ଜଙ୍ଗଲ ସଂରକ୍ଷଣ କଥା ରହିଛି।

ୟୁନୁସ: ଏବେ ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ ସ୍ତରେ ଜଳବାୟୁ ପରିବର୍ତ୍ତନର କ୍ଷତି କମେଇବା ଦିଗରେ ଜଙ୍ଗଲର ଗୁରୁତ୍ୱକୁ ବୁଝି ଏ ଦିଗରେ ନୀତି ନିର୍ଦ୍ଧାରଣ କରାଯାଉଛି।

ଅଞ୍ଜଳି: ମଉସା, ପ୍ରାୟ ଖବର କାଗଜରେ ଆଇପିସିସି ବିଷୟରେ ବାହାରୁଛି। ସେ ବିଷୟରେ କିଛି କୁହନ୍ତୁ।

ୟୁନୁସ: ଜଳବାୟୁ ପରିବର୍ତ୍ତନ ଉପରେ ଅନ୍ତଃ-ସରକାରୀ ପ୍ୟାନେଲ ଗୋଟିଏ ଅନ୍ତ-ବୈଜ୍ଞାନିକ ଦଳ। ଏହା ଜାତିସଂଘର ଗୋଟିଏ ଅଂଶ। ଏହି ପ୍ୟାନେସ ଜଳବାୟୁ ପରିବର୍ତ୍ତନ ଏବଂ ସବୁଜକୋଠରୀ ବାଷ୍ପ ଉପରେ ନଜର ରଖିଛି।

ଜୀନତ: ୧୯୮୮ ମସିହାରେ ଜଳବାୟୁ ପରିବର୍ତ୍ତନ ଉପରେ ଅନ୍ତଃରାଷ୍ଟ୍ରୀୟ ସରକାରୀ ପ୍ୟାନେଲ ଗଢାହେବା ପରେ ଏହାକୁ ହାସଲ କରିବା ପାଇଁ ଅନେକ ଚେଷ୍ଟା କରାଯାଉଛି। ପ୍ରଥମ ବଡ଼ ସଫଳତା ୧୯୯୭ ମସିହାର କ୍ୟୋଟୋ ଚୁକ୍ତି ଥିଲା।

ଅରୁ: ମାଉସୀ, କ୍ୟୋଟୋ ଚୁକ୍ତି ବି କ'ଣ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀତ ଥିଲା?

ଜୀନତ: ହଁ ପୁଅ। କ୍ୟୋଟୋ ଚୁକ୍ତି ଜଳବାୟୁ ପରିବର୍ତ୍ତନ ଉପରେ ଜାତିସଂଘ ଫ୍ରେମୱର୍କ କନ୍‌ଭେନ୍‌ସନ୍ ସହ ଯୋଡ଼ା ଗୋଟିଏ ଅନ୍ତଃରାଷ୍ଟୀରୟ ଚୁକ୍ତି। ଏହା ଉତ୍ସର୍ଜନର ପରିମାଣ କମ୍ କରିବା ଦିଗରେ କରାଯାଇଥିଲା। ୧୯୯୭ ମସିହା ଡିସେମ୍ବର ୧୧ ତାରିଖ ଦିନ ଜାପାନର କ୍ୟୋଟୋ ଠାରେ ଏହି ଚୁକ୍ତିକୁ ଗ୍ରହଣ

କରାଯାଇଥିଲା ଏବଂ ୨୦୦୫ ମସିହା ଫେବୃଆରି ୧୬ ତାରିଖରେ ଲାଗୁ କରାଯାଇଥିଲା।

ପ୍ରକାଶ: କ୍ୟୋଟୋ ଚୁକ୍ତିର ମୁଖ୍ୟ ଲକ୍ଷ୍ୟ ଛଅଟି ମୁଖ୍ୟ ସବୁଜକୋଠରୀ ବାଷ୍ପ ଅଙ୍ଗାରକାମ୍ଳ ବାଷ୍ପ, ମିଥେନ, ନାଇଟ୍ରସ୍ ଅକ୍ସାଇଡ, ହାଇଡ୍ରୋଫ୍ଲୋରୋ କାର୍ବନ, ପର୍ଫ୍ଲୋରୋକାର୍ବନ ଏବଂ ଗନ୍ଧକ ହେକ୍ସାଫ୍ଲୋରାଇଡର ଉତ୍ସର୍ଜନ କମ୍ କରିବା।

ୟୁନୁସ: ୨୦୧୫ ମସିହାରେ ପ୍ୟାରିସଠାରେ ଗୋଟିଏ ଐତିହାସିକ ଚୁକ୍ତି କରାଯାଇଥିଲା। ଏହି ବିଶ୍ୱସ୍ତରୀୟ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ହେବାକୁ ଥିବା ଚୁକ୍ତିର ଲକ୍ଷ୍ୟ ଥିଲା ବିଶ୍ୱର ତାପାତ୍ରା ଏହି ଶତାବ୍ଦୀରେ ୨ ଡିଗ୍ରୀ ସେଲସିଅସ୍ କମ୍ ରଖିବା ଥିଲା।

ଜୀନତ: ୨୦୧୭ ମସିହା ନଭେମ୍ବର ସୁଦ୍ଧା ଏହି ଚୁକ୍ତିରେ ପୃଥିବୀର ୧୯୫ଟି ଦେଶ ହସ୍ତାକ୍ଷର କରିଥିଲେ। ୧୭୦ଟି ସଦସ୍ୟ ଏହି ଲକ୍ଷ୍ୟ ପ୍ରାପ୍ତିର ଦଳ ହୋଇଗଲେ।

ଅଞ୍ଜଳି: ମଉସା, ଜଳବାୟୁ ପରିବର୍ତ୍ତନ ଉପରେ ପ୍ରତିବର୍ଷ କିଛି ନା କିଛି ସମ୍ମିଳନୀ ବା ଚୁକ୍ତି ହେଉଛି। ତାହେଲେ ଏଇ ସମ୍ମିଳନୀରେ ବିଶେଷତା କ'ଣ ଥିଲା?

ୟୁନୁସ: ଆଗରୁ ହେଉଥିବା ସମ୍ମିଳନୀର ବିପରୀତ ଏହି ଚୁକ୍ତି ପ୍ରତି ଦେଶକୁ ନିଜର ଲକ୍ଷ୍ୟ ସ୍ଥିର କରିବା ଯେମିତିକି ଜଙ୍ଗଲ କଟା ବନ୍ଦ କରିବା ଏବଂ ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବର ମୁକାବିଲା କରିବା ପାଇଁ

ସମାଧାନ ଖୋଜିବା ପାଇଁ ଅଙ୍ଗାର ଉତ୍ସର୍ଜନକୁ ସୀମିତ କରିବା ଏବଂ କମ୍ କରିବା ଉପରେ ଜୋର ଦିଆଯାଇଛି।

ଜୀନତ: ଏହା ଐତିହାସିକ ଥିଲା। ଏଥିରେ ସଦସ୍ୟ ଦେଶମାନଙ୍କର ଦୃଷ୍ଟିକୋଣ ବଦଳୁଛି। ସମସ୍ତଙ୍କ ସହ ଏକମତ ହେବା ଏଥିରେ ଆବଶ୍ୟକତା ନାହିଁ। ତମର କେତେ ଯୋଗଦାନ ରହିବ ତାହା ତମେ ନିଜେ ସ୍ଥିର କରୁଛ ଏବଂ ଏହି ଲକ୍ଷ୍ୟ ହାସଲ ଦିଗରେ ଲାଗିପଡୁଛ। ଆଉ ଆଶା କରାଯାଉଛି ଯେ ଏଥିରେ ବାସ୍ତବିକ ଆଉ ପ୍ରକୃତ ଅର୍ଥରେ କିଛି ବଡ଼ ପରିବର୍ତ୍ତନ ଆସିବ।

ୟୁନୁସ: ଭାରତ ପ୍ୟାରିସ ଚୁକ୍ତିକୁ ଗ୍ରହଣ କରିଛି। ଏହା ବହୁତ ଗୁରୁତ୍ୱପୂର୍ଣ୍ଣ, କାରଣ ଚୀନ, ଆମେରିକା, ଏବଂ ଇଉରୋପୀୟ ସଂଘ ପରେ ଆମେ ଚତୁର୍ଥ ବଡ଼ ଅଙ୍ଗାରକାମ୍ଳ ଉତ୍ସର୍ଜକ ଦେଶ।

ପ୍ରକାଶ: ଭାରତ ଜଳବାୟୁ ପରିବର୍ତ୍ତନ ଅନୁକୂଳନ ଏବଂ ସଚେତନତା ରଣନୀତିର ପ୍ରାରମ୍ଭିକ ଅଙ୍ଗ ଥିଲା। ଅନ୍ତଃରାଷ୍ଟ୍ରୀୟ ରାଜନୀତିରେ ବି ଜଳବାୟୁ ପରିବର୍ତ୍ତନ ଉପରେ ତର୍କକୁ ଏହା ବଢ଼ାଇଥିଲା।

ୟୁନୁସ: ହଁ ପ୍ରକାଶ, ୨୦୦୨ ମସିହାରେ ଦିଲ୍ଲୀରେ ଜଳବାୟୁ ପରିବର୍ତ୍ତନ ଉପରେ ଜାତିସଂଘ ଫ୍ରେମୱର୍କ କନ୍‌ଭେନ୍‌ସନ୍ର ଦସ୍ତଖତକାରୀ ଦେଶମାନଙ୍କର ସମ୍ମିଳନୀ ହୋଇଥିଲେ। ଏହି ସମୟରେ ବିଶ୍ୱ ଉଷ୍ମାୟନର ଗୁରୁତ୍ୱ ଉପରେ ମିଳିତ ଘୋଷଣା ଦିଗରେ ଭାରତ ଜୋର ଦେଇଥିଲା। ଭାରତ ଚୁକ୍ତି ହେବା ଆଗରୁ ହିଁ ଉତ୍ସର୍ଜନ କମ୍ କରିବା ଦିଗରେ କାମ ଆରମ୍ଭ କରିଦେଇଥିଲା।

ଜୀନତ: ଏହା ଦେଖାଦେଖି ୨୦୦୮ ମସିହାରେ ଏନଏପିସିସି ଆରମ୍ଭ ହେଲା। ଏହାର ଉଦ୍ଦେଶ୍ୟ ଅଙ୍ଗାର ଉତ୍ସର୍ଜନ କମ୍ କରିବା ସହିତ ନିରନ୍ତର ବିକାଶ କରିବା।

ୟୁନୁସ: ଏନଏପିସିସିରେ ଜଳବାୟୁ ସଂରକ୍ଷଣ ଏବଂ ଅନୁକୂଳନ ଉଭୟ ସାମିଲ। ଏହି ଯୋଜନା ରାଷ୍ଟ୍ରୀୟ ମିଶନ ରୂପରେ ଆଠଟି ବିଷୟ ଉପରେ ଜୋର ଦିଆଯାଇଛି। ସୌରଶକ୍ତି, ଶକ୍ତି ଦକ୍ଷତା, ସ୍ଥାୟୀ ଆବାସ, ପାଣି, ହିମାଳୟର ପରିସ୍ଥିତିକୀର ସଂରକ୍ଷଣ, ବନୀକରଣ, ସ୍ଥାୟୀ କୃଷି ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ରଣନୀତିକ ଜ୍ଞାନ ଆଦି ଏହି ମିଶନରେ ସାମିଲ।

ଅଞ୍ଜଳି: ମଉସା, ଏଥିରେ ଜଳବାୟୁ ପରିବର୍ତ୍ତନକୁ ଗୋଟିଏ ମୁଖ୍ୟ ସ୍ଥାନ ଦିଆଯାଇଛି।

ୟୁନୁସ: ହଁ ଅଞ୍ଜଳି, ଜଳବାୟୁ ପରିବର୍ତ୍ତନ ସହିତ ଅନୁକୂଳନର ଉପାୟ ଏହି ପୂର୍ଣ୍ଣାଙ୍ଗ ଜଳବାୟୁ ରଣନୀତିର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ରାଷ୍ଟ୍ରୀୟ ଯୋଜନାରେ ୮ଟି ମିଶନ ଥିଲା। ଏହି ୮ଟି ଭିତରୁ ୪ଟି ନ୍ୟୁନକରଣ ବା କମ୍ କରିବା ଦିଗରେ, ୩ଟି ଅନୁକୂଳନ ଏବଂ ଗୋଟିଏ ଜ୍ଞାନ ପରିପକ୍ୱ କରିବା ଦିଗରେ ଥିଲା। ଏହି ଆଠଟିଯାକ ଏକାସାଙ୍ଗରେ ଭାରତ ପ୍ରାଥମିକତା ଦେଇ ଆସୁଛି।

ଜୀନତ: ଗତ କିଛି ବର୍ଷ ଭିତରେ ଜଳବାୟୁ ପରିବର୍ତ୍ତନ ସମସ୍ୟା ସାମନା କରିବା ଦିଗରେ ଅନେକ ଯୋଜନା ଆରମ୍ଭ କରାଯାଇଛି। ଏହା ସହିତ ଜଳବାୟୁ ପରିବର୍ତ୍ତନ ଉପରେ ରାଷ୍ଟ୍ରୀୟ କାର୍ଯ୍ୟ ଯୋଜନା ବା ଏନଏପିସିସି, ଜଳବାୟୁ ପରିବର୍ତ୍ତନ ଉପରେ ରାଷ୍ଟ୍ରୀୟ ଅନୁକୂଳନ କୋଷ ବା

ଏନଏନଏଏଫସିସି, ଜଳବାୟୁ ପରିବର୍ତ୍ତନ ଆକ୍ସନ୍ କାର୍ଯ୍ୟକ୍ରମ ବା ସିସିଏପି ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ରାଜ୍ୟ ଦ୍ୱାରା ପରିଚାଳିତ ଯୋଜନା ଆଦି ମଧ୍ଯ ରହିଛି।

ୟୁନୁସ: ସୁସ୍ଥିର ହିମାଳୟ ପରିସ୍ଥିତିକୀ ତନ୍ତ୍ର ପାଇଁ ରାଷ୍ଟ୍ରୀୟ ମିଶନ ଚାଲୁଛି। ଏହି ମିଶନ ବି ଜଳବାୟୁ ପରିବର୍ତ୍ତନ ସହ ଯୋଡ଼ା।

ଅରୁ: କେମିତି ମଉସା?

ୟୁନୁସ: ଏହି କାର୍ଯ୍ୟକ୍ରମ ଦ୍ୱାରା ସ୍ଥାନୀୟ ଗୋଷ୍ଠୀ ବିଶେଷ କରି ପଞ୍ଚାୟତକୁ ପରିସ୍ଥିତିକୀ ପରିଚାଳନା ଦିଗରେ ସଶକ୍ତ କରିବା।

ଜୀନତ: ଏହାଛଡ଼ା ଜଳବାୟୁ ପରିବର୍ତ୍ତନ ପାଇଁ ଏନଏଏଫସିସି ଦ୍ୱାରା ରାଜସ୍ଥାନ, ସିକ୍କିମ, ହିମାଚଳ ପ୍ରଦେଶ, ତାମିଲନାଡୁ, ମିଜୋରାମ, ମଣିପୁର ଏବଂ କେରଳ ରେ ଅନୁକୂଳନ କାର୍ଯ୍ୟକ୍ରମ ଚାଲିଛି।

ୟୁନୁସ: ଉତ୍ତରାଖଣ୍ଡରେ ଜଙ୍ଗଲରେ ନିଆଁ ଲାଗିବା ଗୋଟିଏ ବଡ଼ ବିପଦ। ଏଠି ନିଆଁ ଲାଗିବାର ଗୋଟିଏ କାରଣ ହେଉଛି ଚିର୍ ଗଛର ପତ୍ର। କିନ୍ତୁ ଏବେ ଏହି ପତ୍ର ସବୁର ବ୍ୟବସ୍ଥା କରି ଜଙ୍ଗଲ ଆଉ ପରିବେଶକୁ ସୁରକ୍ଷିତ କରାଯାଉଛି। ଏଥିରେ ସ୍ଥାନୀୟ ଲୋକଙ୍କ ଜୀବିକା ବି ଚାଲୁଛି।

ଅଞ୍ଜଳି: ପତ୍ର କ'ଣ କରେ?

ୟୁନୁସ: ବେକାର ପଡ଼ି ରହୁଥିବା ପତ୍ରରୁ ଧୂମବିହୀନ କୋଇଲା ପ୍ରସ୍ତୁତ କରାଯାଉଛି ଓ ତାକୁ ବଜାରରେ ବିକ୍ରି କରାଯାଉଛି। ଏହାଛଡ଼ା ଚିର୍ ପତ୍ରରେ କାଗଜ ବି ତିଆରି କରାଯାଉଛି।

ଜୀନତ: ଏହା ସହିତ ଭାରତ ସରକାର ଦ୍ୱାରା ଜଙ୍ଗଲ କଟା ଏୂଂ ଜଙ୍ଗଲ କ୍ଷୟ ଯୋଗୁ ଉତ୍ସର୍ଜନରେ ହେଉଥିବା ବୃଦ୍ଧିକୁ କମ୍ କରିବା ପାଇଁ ରେଡ୍ ପ୍ଲସ୍ ନାମକ ଆନ୍ତର୍ଜାତିକ ପରିକଳ୍ପନା ବି ଯୋଡ଼ା। ଏହାର ଉଦ୍ଦେଶ୍ୟ ଜଙ୍ଗଲ ସୁରକ୍ଷା ପାଇଁ ଜଙ୍ଗଲ ଅଧିବାସୀକୁ ପ୍ରୋତ୍ସାହିତ କରିବା ପାଇଁ ଆର୍ଥିକ ସହାୟତା ବି ଦିଆଯାଉଛି।

ବସୁଧା: ଜଙ୍ଗଲ ସବୁଠାରୁ ବଡ଼ ଅଙ୍ଗାର ଶୋଷକ। ସେଥିପାଇଁ ଏହି ପରିକଳ୍ପନା ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥିବ।

ୟୁନୁସ: ଏହି କାର୍ଯ୍ୟକ୍ରମ ଭିତରେ ସ୍ଥାନୀୟ ଦଳଙ୍କୁ ସେମାନଙ୍କ ସୁରକ୍ଷା କାମ ପାଇଁ ଆର୍ଥିକ ରୂପରେ ଅଙ୍ଗାର କ୍ରେଡିଟ୍ ପଏଣ୍ଟ ବି ଦିଆଯାଉଛି। ଏହି କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ଏବଂ ଆଞ୍ଚଳିକ ସ୍ତରରେ ପ୍ରସ୍ତୁତ କରାଯାଉଛି।

ପ୍ରକାଶ: ସଂକ୍ଷେପରେ କହିଲେ ଅଙ୍ଗାର ଉତ୍ସର୍ଜନ କମ୍ କରି ବିଶ୍ୱକୁ ସୁସ୍ଥ କରିବା ଦିଗରେ ସାରା ଦେଶ ଏକ ହୋଇ କାମ କରୁଛି।

ବସୁଧା: ଜଳବାୟୁ ପରିବର୍ତ୍ତନରେ ଚାଷୀମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ। ୟୁଏନସିସିସି ଅନୁସାରେ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନର ପ୍ରାୟ ଶତକଡ଼ା ୨୫ ଭାଗ କୃଷି କାମରୁ ଆସୁଛି। ମୁଖ୍ୟତଃ ନାଇଟ୍ରସ୍ ସାର, କୀଟନାଶକ, କୃତ୍ରିମ ଅଗଛା ନିୟନ୍ତ୍ରକ, ଜୀବାଶ୍ମ ଇନ୍ଧନ ବ୍ୟବହାର ଏବଂ ବିଭିନ୍ନ ପ୍ରକାରର ପରିବହନ ବ୍ୟବସ୍ଥା ଯୋଗୁ ଏହା ଆସୁଛି।

ପ୍ରକାଶ: ଜଳବାୟୁ ପରିବର୍ତ୍ତନକୁ ସାମନା କରିବାର ଗୋଟିଏ ବାଟ ଜୈବିକ କୃଷି ହୋଇପାରେ। ଏହି ଉପାୟ ଆପଣେଇ ଆମେ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ ପ୍ରାୟ ୬୦ ଭାଗ କମ୍ କରିପାରିବା।

ୟୁନୁସ: ଭାରତରେ କେବଳ ସିକ୍କିମ ଏକମାତ୍ର ରାଜ୍ୟ ଯେଉଁଠାରେ ଶତକଡ଼ା ୧୦୦ ଜୈବିକ କୃଷି କରାଯାଉଛି। ଅନ୍ୟ ରାଜ୍ୟରେ ଏହା କରିବା ଏବେ ଆରମ୍ଭ ହେଲାଣି।

ଜୀନତ: ଆଇସିଏଆର୍ ମରୁଭୂମିରେ ଚାଷ ହେଲା ଭଳି କିଛି ଫସଲ ବାହାର କରିଛନ୍ତି। ନୂଆ କିମସର ଫସଲ ଉଦ୍ଭାବନ କରାଯାଉଛି ଯାହା କି ସ୍ୱଳ୍ପ ସମୟ ଭିତରେ ପାକଳ ହୋଇଯିବ।

ପ୍ରକାଶ: ଏସବୁ ନିରନ୍ତର ବିକାଶର ସବୁଠାରୁ ଭଲ ଉଦାହରଣ।

ଜୀନତ: ଦେଶର ଅନେକ ସ୍ଥାନରେ, ସ୍ଥାନୀୟ ସ୍ତରରେ ଅନେକ ନୂଆ ପ୍ରକାରର ଫସଲ ପ୍ରସ୍ତୁତ କରାଯାଉଛି। ପଲିଥିନ୍‌ରେ ତିଆରି ପଲିହାଉସ୍ ଏହାର ଗୋଟିଏ ଉଦାହରଣ। ଏହା ଗଛକୁ ଅତ୍ୟଧିକ ଖରାରୁ ରକ୍ଷାକରେ। ନିୟନ୍ତ୍ରିତ ଅବସ୍ଥାରେ ଫସଲ ଏବଂ ପନିପରିବା ଦୁଇରୁ ତିନିଗୁଣ ଅଧିକ ଆମଦାନୀ କରାଯାଇ ପାରିବ।

ପ୍ରକାଶ: ସୁରକ୍ଷିତ ଏବଂ ଫଳପ୍ରଦ କୀଟନାଶକ ଉପାୟ ବି ଗ୍ରହଣ କରିବା ଦରକାର। ପରିବେଶ ଏବଂ ଫସଲର କ୍ଷତି ନ କରି ଏସବୁ ଫସଲ ଉପରେ ଛିଞ୍ଚାଯାଇ ପାରେ। ଏହା ମାଟିକୁ ପ୍ରଦୂଷିତ କରିବ ନାହିଁ, କି ଆମ ପାଣି ଆଉ ପରିସ୍ଥିତିକୀକୁ ବି ଖରାପ କରିବାନାହିଁ।

ୟୁନୁସ: ଚାଷୀମାନେ ଜାଲ ଲଗାଇ କ୍ଷତିକାରକ କୀଟ ଧରିପାରିବେ। ଏଭଳି ଉପାୟରେ ଧଳାପୋକ ଏବଂ ଅନ୍ୟ କୀଟଠାରୁ ଫସଲକୁ ରକ୍ଷା କରାଯାଇ ପାରିବ।

ଅରୁ: (ହସି ହସି) ଠିକ ମୋ ମଶାରୀ ଭଳି...

(ସମସ୍ତେ ହସୁଛନ୍ତି)

ଅଞ୍ଜଳି: ଜଳବାୟୁ ପରିବର୍ତ୍ତନକୁ ସାମନା କରିବା ପାଇଁ ଆରମ୍ଭ କରାଯାଇଥିବା ବିଭିନ୍ନ ଯୋଜନା ବିଷୟରେ କିଛି କୁହନ୍ତୁ।

ଜୀନତ: ବଢ଼ିଆ ପ୍ରଶ୍ନ। ପୁଷ୍ପାଳି ବା ଅର୍‌କିଡ୍‌ର ସୁରକ୍ଷା ପାଇଁ କ'ଣ କରାଯାଉଛି ତମେ ଜାଣିଛ? ଏଥିପାଇଁ ଉତ୍ତର-ପୂର୍ବ ରାଜ୍ୟମାନଙ୍କରେ ଅନେକ ପଦକ୍ଷେପ ନିଆଯାଇଛି। ଗବେଷଣାଗାରରେ ପ୍ରାୟ ପାଞ୍ଚ ଲକ୍ଷ କିସମର ପୁଷ୍ପାଳି ବିକଶିତ କରାଯାଇଛି।

ୟୁନୁସ: ଶକ୍ତି ଦକ୍ଷତା ବ୍ୟୁରୋ ଭାରତରେ ଶକ୍ତି ଦକ୍ଷତା ସୂଚକାଙ୍କ ପ୍ରସ୍ତୁତ କରିଛି, ଏହା ଭାରତର ଜଳବାୟୁ ପରିବର୍ତ୍ତନକୁ ସାମନା କରିବାର ପ୍ରତିବଦ୍ଧତା ସହ ଯୋଡ଼ା।

ଜୀନତ: ମାନାର ଉପକୂଳ ଏବଂ ତାମିଲନାଡୁର କିଛି ଅଞ୍ଚଳରେ ସେଠିକାର ପରିବେଶ ସୁରକ୍ଷା ପାଇଁ ଲମ୍ବା ସମୟ ଧରି କାମ କରାଯାଉଛି।

ୟୁନୁସ: ତମେ ଜାଣିଛ ଏମିତିକି ଛତିଶଗଡ଼ରେ ବି ସନ୍ତସନ୍ତିଆ ଜଳାଭୂମି ଆଉ ଜଳ ଉତ୍ସର ସଂରକ୍ଷଣ ଦିଗରେ କାମ ହେଉଛି।

ଜୀନତ: ମେଘାଳୟରେ ପାଣିର ବହୁତ ଅଭାବ, ଏଭଳି ଗଛ ଲଗାଯାଉଛି ଯାହା ଜଳବାୟୁ ପରିବର୍ତ୍ତନକୁ ସହି ପାରିବ।

ୟୁନୁସ: ଗୋଟିଏ ମଜା କଥା ରହିଛି। ପଞ୍ଜାବରେ ପଶୁପାଳନକୁ ସଂରକ୍ଷଣ କରିବା ଦିଗରେ ପ୍ରକଳ୍ପମାନ ଆରମ୍ଭ କରାଯାଇଛି।

ଅଞ୍ଜଳି: ଆରେ ବାଃ, ବଢ଼ିଆ କଥା।

ବସୁଧା: ୟୁନୁସ ଭାଇ, କିନ୍ତୁ ଆମେ ପ୍ରାୟ ଅଧିକାଂଶ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଦିଗରେ ବିଫଳ ହୋଇଛେ।

ଜୀନତ: ଗୁଆହାଟୀ ଆଇଆଇଟି ଏବଂ ଆଇଆଇଏମ୍ ଇନ୍ଦୋର ଦ୍ୱାରା କରାଯାଇଥିବା ଗୋଟିଏ ଅଧ୍ୟୟନରୁ ଜଣାଯାଏ ଯେ ପ୍ରଭାବିତ ଲୋକଙ୍କ ବିଷୟରେ ଯଥେଷ୍ଟ ଜ୍ଞାନ ନାହିଁ। ପ୍ରଭାବିତ ଲୋକମାନେ ବି ଗବେଷକମାନେ ପ୍ରସ୍ତାବ ଦେଇଥିବା ଅନେକ ଉପାୟ ବୁଝି ପାରନ୍ତିନାହିଁ। ଆର୍ଥିକ ଅଭାବ ବି ଆଉ ଗୋଟିଏ କାରଣ।

ବସୁଧା: ଏଥିପାଇଁ ଲୋକଙ୍କର ସହଭାଗିତା ବହୁତ ଜରୁରୀ।

ୟୁନୁସ: ହଁ ବସୁଧା ଭାଉଜ। ଆପଣ ଠିକ କହିଛନ୍ତି।

ଜୀନତ: ମୋଟ ଉପରେ କହିଲେ ଆମକୁ ସମାଜକୁ ଜଳବାୟୁ ପରିବର୍ତ୍ତନକୁ ସାମନା କରିବା ପାଇଁ ପ୍ରସ୍ତୁତ କରିବାକୁ ହେବ। ପ୍ରସ୍ତୁତି ଏବଂ ଜ୍ଞାନ ସବୁବେଳେ କାମ ଦିଏ।

ୟୁନୁସ: ସବୁଠାରୁ ଭଲ ଉଦାହରଣ ହେଉଛି ବିନ୍ଦୁ ଜଳସେଚନ ବା ଡ୍ରିପ ଇରିଗେସନ, ଅଦରକାରୀ ପାଣିର ପୁନଃଚକ୍ରଣ, ଜଳଅମଳ ପ୍ରକଳ୍ପକୁ ଗ୍ରହଣ କରିବା ଏବଂ ଜଳ ପ୍ରତିରୋଧୀ ଫସଲ ଅମଳ କରିବା।

ଅଞ୍ଜଳି: ଅନ୍ୟ ପଦକ୍ଷେପ ଗୁଡ଼ିକ କ'ଣ?

ଜୀନତ: ସବୁଠାରୁ ଭଲ ହେଉଛି ଆମ ସହରମାନଙ୍କୁ ଆତ୍ମନିର୍ଭର କରିବା, ଉପକୂଳ ସହରମାନଙ୍କୁ ସୁରକ୍ଷିତ କରିବା ପାଇଁ ଯଥେଷ୍ଟ ବ୍ୟବସ୍ଥା କରିବା ଏବଂ ଶେଷରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସଠିକ ପଦକ୍ଷେପ ନେବା।

ପ୍ରକାଶ: ଏସବୁରୁ ମୁଁ ଯାହା ବୁଝିଲି ସଂକ୍ଷେପରେ କହିଲେ, ଜୀବନ୍ତ ଦୁନିଆକୁ ଜଳବାୟୁ ପରିବର୍ତ୍ତନ ସବୁଠାରୁ ବଡ଼ ଆହ୍ୱାନ। ବିକାଶର ରାସ୍ତାରେ ଏହା ବାଧା ଦିଏ। ସମସ୍ତେ ମିଳିମିଶି ଚେଷ୍ଟା କଲେ ଏହି ସମସ୍ୟାକୁ ମୁକାବିଲା କରିପାରିବା। ଏଥିପାଇଁ ମିଳିମିଶି ପ୍ରଚେଷ୍ଟା କରିବା ଏକାନ୍ତ ଜରୁରୀ। ଆସ ସମସ୍ତେ ମିଶି ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ଲଢ଼ିବା ଆଉ ପୃଥିବୀକୁ ବାସୋପଯୋଗୀ କରିବା।